# Akashvani, Sambalpur

## SAMBALPURI NEWS EVENING BULLETIN

## 5 july 2026-7.02- 7.12 pm.

---

୧- ସ୍ୱତନ୍ତ୍ର ସଘନ ସଂଶୋଧନ୍ - ଏସ୍ଆଇଆର୍ ପ୍ରକ୍ରିୟାଥି ବାହାର୍ଲା ଚିଠା ଭୋଟର୍ ତାଲିକା ।

- ରାଏଜେ ବାଦ୍ ପଡ଼୍ଲେ ୨୦ ଲାଖ୍ରୁ ଅଏତ୍କା ଭୋଟର୍- ସୂଚ୍ନା ଦେଲେ ମୁଖ୍ୟ ନିର୍ବାଚନ୍ ଅଧିକାରୀ ।

୨- ଭୂଦାନ୍ ଜମି ବଂଟନ୍ ଆଉ ମ୍ୟୁଟେସନ୍ ଉପ୍ରେ ଆଏବା ନିର୍ଦ୍ଦେଶ୍ତକ୍ ଜାରି ହେଲା ସ୍ଥଗିତାଦେଶ୍ ।

୩- ରାଏଜେ ୩ ଶହ ୧୧ ଟା କେନ୍ଦ୍ର ନ ଆଏଜ୍ ହେଇଛେ ଓଟିଇଟି ପରୀକ୍ଷା ।

ଆଉର୍

୪- ବଙ୍ଗୋପ୍ ସାଗର୍ ନ ହେଇଥିବା ଲଘୁଚାପ୍ ଅବପାତଥି ବଦ୍ଲିଲା ।

- ଆଏବା ୨୪ ଘଂଟା ଭିତ୍ରେ ୫ ଟା ଜିଲ୍ଲା ନ ଅତି ପ୍ରବଲ୍ ବର୍ଷାର ସମ୍ଭାବନା ।

ଏସ୍‌ଆଇଆର        ଆଇ.ଆଣ୍ଡ୍.ପି.ଆର୍

ରାଏଜେ ଭୋଟର୍ ତାଲିକାର୍ ସ୍ୱତନ୍ତ୍ର ସଘନ ସଂଶୋଧନ୍ - ଏସ୍.ଆଇ.ଆର୍. ପ୍ରକ୍ରିୟାଥି ପରିଗଣନା ଫର୍ମ ବାଂଟ୍‌ବାର୍ ଆଉ ଠୁଲାବାର୍ କାମ୍ ଶେଷ୍ ହେବାର୍ ଉତ୍‌ରୁ ଆଏଜ୍ ଚିଠା ଭୋଟର୍ ତାଲିକା ବାହାରିଛେ । ଏସ୍‌ଆଇଆର୍ ପ୍ରକ୍ରିୟାଥି ୨୦ ଲାକ୍ ୧୪ ହଜାର୍ ଭୋଟର୍‌ଙ୍କୁ ବାଦ୍ ଦିଆୟାଇଛେ ବଲି ମୁଖ୍ୟ ନିର୍ବାଚନ୍ ଅଧିକାରୀ ଆର୍.ଏସ୍. ଗୋପାଲନ୍ କହିଛନ୍ ।

ଭୁବ୍‌ନେଶ୍ୱର୍ ମୁଖ୍ୟ ନିର୍ବାଚନ୍ ଅଧିକାରୀଙ୍କର୍ କାର୍ଯ୍ୟାଲୟ ନ ହେଇଥିବା ସାମ୍ବାଦିକ୍ ସମ୍ମିଲନୀଥି ସୂଚ୍‌ନା ଦେଇକରି ଶ୍ରୀ ଗୋପାଲନ୍ କହିଛନ୍, ରାଏଜେ ଆଘ୍‌ରୁ ୩ କୋଟି ୩୩ ଲାଖ୍ ୯୯ ହଜାର ୫୯୧ ଭୋଟର୍ ଥିବାର୍ ବେଲେ ଚିଠା ଭୋଟର୍ ତାଲିକାଥି ୩ କୋଟି ୧୩ ଲାଖ୍ ୮୭ ହଜାର୍ ୩୪ ଝନ୍ ଭୋଟର୍ ରହିଛନ୍ । ସେମାନ୍‌କର୍ ଭିତ୍‌ରେ ୧ କୋଟି ୬୦ ଲାଖ୍ ୧୯ ହଜାର ୧୭୬ ଝନ୍ ପୁରୁଷ ଭୋଟର୍ ଆଉ ୧ କୋଟି ୫୩ ଲାଖ୍ ୬୫ ହଜାର ୮୩ ଝନ୍ ମହିଳା ଭୋଟର୍ ଆଉ ୨ ହଜାର ୭୭୫ ଝନ୍ ତୃତୀୟ ଲିଙ୍ଗି ଭୋଟର୍ ରହିଛନ୍ । ୮ ଲାଖ ୩୨ ହଜାର ମୃତ ବ୍ୟକ୍ତି, ୧୦ ଲାଖ୍ ୭ ହଜାର ସ୍ଥାନାନ୍ତରିତ ହେଇଥିବା କି ନାଇଁଥିବାର୍, ୧ ଲାଖ୍ ୫୮ ହଜାର୍ ଗୁଟେ ନୁ ଅଏତ୍‌କା ଜାଗା ନ ପଞ୍ଜୀକୃତ ଆଉ ଅଲ୍‌ଗା

କାରଣ ଲାଗି ୧୪ ହଜାର ଭୋଟର୍ - ତାଲିକାନୁ ବାଦ୍ ପଡ଼ିଛନ୍ ।
ଅଯୋଗ୍ୟ ଲୁକ୍‌କୁ ଚିଠା ତାଲିକାନୁ ବାଦ୍ ଦେବାର୍‌ଟା ପ୍ରାଥମିକତା
ଆଏ ବଲି ଶ୍ରୀ ଗୋପାଲନ୍ କହିଛନ୍ ।

(ଭଏସ୍ ଓଭର୍- ଗୋପାଲନ୍ )

ଆଏଜ୍‌ଠାନୁ ଅଗଷ୍ଟ ୪ ତାରିଖ୍‌ତକ୍ ଚିଠା ତାଲିକା ବାବଦ୍ ଦାବି ଆଉ ଆପତି ଗ୍ରହଣ୍ କରାଯିବା । ଇସବୁର୍ ଯାଂଚ୍ ଆଉ ଫଇସଲା ଅଗଷ୍ଟ ମାସ ୪ ତାରିଖ୍‌ନୁ ସେପ୍ଟେମ୍ବର୍ ମାସ ୨ ତାରିଖ୍ ଭିତ୍‌ରେ ଶେଷ୍ ହେବାର୍ ଉତ୍‌ରୁ ସେପ୍ଟେମ୍ବର୍ ୬ ତାରିଖ୍‌ଥି ଚୂଡ଼ାନ୍ତ ଭୋଟର୍ ତାଲିକା ବାହାର୍ କରାଯିବା । ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍.ଏସ୍. ଗୋପାଲନ୍ ଇ ବାବ୍‌ଦେ ଭୋଟର୍ ତାଲିକା ପର୍ଯ୍ୟବେକ୍ଷକ୍‌ମାନ୍‌କର୍ ସାଙ୍ଗେ ଗୁଟେ ସମୀକ୍ଷା ବୈଠକ୍ କରିଛନ୍ । ତାଲିକାକେ ପୁରାପୁରି ନିର୍ଭୁଲ୍ ଆଉ ସର୍ବସମାବେଶୀ କର୍‌ବାର୍ ଲାଗି ମୁଖ୍ୟ ନିର୍ବାଚନ୍ ଅଧିକାରୀ ପର୍ଯ୍ୟବେକ୍ଷକ୍ ମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ । ସୂଚ୍‌ନା ଅନ୍‌ସାରେ, ରାଜ୍ୟ ସର୍‌କାର୍ ୧୦ ଝନ୍ ବରିଷ୍ଠ ଆଇ.ଏ.ଏସ୍.ଙ୍କୁ ଭିନ୍ ଭିନ୍ ଜିଲ୍ଲା ଲାଗି ଭୋଟର୍ ତାଲିକା ପର୍ଯ୍ୟବେକ୍ଷକ୍ ଭାବେ ନିଯୁକ୍ତି ଦେଇଛନ୍ ।

ଏସ୍ଆଇଆର୍- ଜିଲ୍ଲା ବୌଦ୍ଧ/

ବୌଦ୍ଧ ଆଉ କଂଟାମାଲ୍ ବିଧାନ୍ସଭା ନିର୍ବାଚନ୍ ମଣ୍ଡଳୀର୍ ଏସ୍ଆଇଆର୍ ପ୍ରକ୍ରିୟା ଲାଗି ଆଏଜ୍ ଚିଠା ଭୋଟର୍ ତାଲିକା ବାହାରିଛେ । ଜିଲ୍ଲାପାଲ୍ଙ୍କର୍ ସଦ୍ଭାବନା ସଭାଗୃହ ନ ଜିଲ୍ଲା ନିର୍ବାଚନ୍ ଅଧିକାରୀ ବିଭୂତି ଭୂଷଣ୍ ନାୟକଙ୍କର୍ ଅଧକ୍ଷତାଥି ହେଇଥିବା ବୈଠକ୍ଥି ଇ ତାଲିକା ବାହାର୍ କରାଯାଇଛେ । ଜିଲ୍ଲା ନ ୩ ଲାଖ୍ ୪୧ ହଜାର ୨୬ ଝନ୍ ଭୋଟର୍ ରହିଥିବାର୍ ବେଲେ ଆଏଜ୍ ଚିଠା ତାଲିକାଥି ୩ ଲାଖ୍ ୨୩ ହଜାର ୩୯୪ ଝନ୍ ଭୋଟର୍ଙ୍କର୍ ନାଁ ବାହାରିଛେ ।

ଶିବରାଜ-ଭିବି-ଜି.ରାମ.ଜି ଏନ୍ଏସ୍ଡି

କେନ୍ଦ୍ର ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜ ସିଂ ଚୌହାନ ବିକଶିତ ଭାରତ ରୋଜଗାର ଆଉ ଆଜୀବିକା ମିଶନ ଗ୍ରାମୀଣ ଗ୍ୟାରେଂଟି ଯୋଜନାର୍ ପହେଲା କିସ୍ତି ହିସାବେ ରାଜ୍ୟ ମାନ୍କୁ ୨୫

ହଜାର୍ କୋଟି ଟଙ୍କାର୍ ସାହାଜ୍ ଦେଇଛନ୍ । ଆଏଜ୍ ଆଭାସୀ ଜରିଏ ମନ୍ତ୍ରୀ ଶ୍ରୀ ଚୌହାନ୍ ଇ ମାସର୍ ୧ ତାରିଖ୍‌ନୁ ସଫଲ୍ ଭାବେ ଲାଗୁ ହେଇଥିବା ଭିବି-ଜି.ରାମ.ଜି ଯୋଜନା ଲାଗି ସନ୍ତୋଷ୍ ଜାହିର୍ କରିଛନ୍ । ଶ୍ରୀ ଚୌହାନ୍ କହିଛନ୍, ମନରେଗା ଯୋଜ୍‌ନା ପୁରାପୁରି ଭାବେ ଲାଗୁ କର୍‌ବାର୍ ଲାଗି ୩ ବଛର୍‌ନୁ ଅଏତ୍‌କା ସମିଆ ଲାଗିଥିବାର୍ ବେଲେ ଇ ଯୋଜ୍‌ନା ଗୁଟେ ଦିନେ ସାରା ଦେଶେ ଲାଗୁ କରାଯାଇଛେ ।

(ଭଏସ୍ ଓଭର୍- ଶିବରାଜ ସିଂ ଚୌହାନ)

ବିକଶିତ୍ ଭାରତ୍ ସପନ୍‌କେ ସାକାର୍ କର୍‌ବାର୍ ଉଦ୍ଦେଶ୍ୟ‌ରେ ଆଏବା ୫ ବଛରେ ଭିବି-ଜି.ରାମ.ଜି ଯୋଜନାଥି ୨ ଲାଖ ୮୬ ହଜାର ପଂଚାୟତ ନ ୭ ଲକ୍ଷ ୫୦ ହଜାର୍ କୋଟିନୁ ଅଏତ୍‌କା ଟଙ୍କା ଖର୍ଚ୍ଚା କରାଯିବା ବଲି ଶ୍ରୀ ଚୌହାନ୍ କହିଛନ୍ ।

ଇ ଯୋଜ୍‌ନା ଅଧୀନ୍‌ଥି ଦିନ୍‌କିଆ ମଜ୍‌ରୀ ୧୦ ପ୍ରତିଶତ୍ ବଢ଼ିଥିବାର୍ ବେଲେ କେନ୍‌ସି ରାଏଜେ ଦିନ୍‌କିଆ ମଜୁରୀ ହାର ୩ ଶହ ଟଙ୍କାନୁ କମ୍ ନାଇଁ ରହେ ବଲି ମନ୍ତ୍ରୀ ଶ୍ରୀ ଚୌହାନ୍ କହିଛନ୍ ।

ଭୂଦାନ୍ ଜମି ବଂଟନ      ଆଇ.ଆଣ୍ଡ.ପି.ଆର୍

ଭୂଦାନ୍ ଜମି ବଂଟନ୍‌ରେ ନିୟମ୍ ଉଲ୍ଲଂଘନ୍ ଆଉ ଆଇନ୍‌ଗତ ଜଟିଳତା ଆଶଙ୍କା ଥିବାର୍‌ନୁ ରାଜ୍ୟ ସର୍କାର୍ ତାର୍ ବଂଟନ୍ ଆଉ ହିତାଧିକାରୀମାନ୍‌କର୍ ସପକ୍ଷରେ ମ୍ୟୁଟେସନ୍ ପ୍ରକ୍ରିୟାକେ ଆଏବା ନିର୍ଦ୍ଦେଶ୍‌ତକ୍ ସ୍ଥଗିତ୍ ରଖିଛନ୍ । ରାଜସ୍ୱ ବିଭାଗ୍ ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ ଡକ୍ଟର୍ ଅରବିନ୍ଦ ପାଢ଼ୀ ସବୁ ଆର୍‌ଡିସି ଆଉ ଜିଲ୍ଲାପାଳ୍‌ମାନ୍‌କୁ ଇ ବାବ୍‌ଦେ ଚିଠି ଲେଖିଛନ୍ । ଆଘୋନୁ ବଂଟା ହେଇଥିବା ଭୂଦାନ୍ ଜମି ହସ୍ତାନ୍ତର୍ ପଞ୍ଜିକରଣ୍ ଉପ୍‌ରେ ଭିଲ୍ ତୁରନ୍ତ କଟ୍‌କନା ଲଗାଯାଇଛେ । ସବୁ ଜିଲ୍ଲାପାଲ୍ ମାନ୍‌କୁ ଦାନ୍, ବଂଟନ୍ ଆଉ ରେକର୍ଡ଼ ହେଇଥିବା ଭୂଦାନ୍ ଜମିର୍ ସବିଶେଷ୍ ରିପୋର୍ଟ ମାସେ ଭିତ୍‌ରେ ଦାଖଲ୍ କର୍‌ବାର୍‌କେ ନିର୍ଦ୍ଦେଶ୍ ଦିଆଯାଇଛେ ।

ଓଟିଇଟି ଆଇ.ଆଣ୍ଡ୍.ପି.ଆର୍

ମାଧ୍ୟମିକ ଶିକ୍ଷା ପରିଷଦ ପରିଚାଳିତ ଓଡିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା-ଓଟିଇଟି ଆଏଜ୍ ହେଇଛେ । ରାଜ୍ୟର୍ ସବୁ ଜିଲ୍ଲା ନ

୩ ଶହ ୧୧ ଟା କେନ୍ଦ୍ରଥି ୯୭ ହଜାର୍ ଶହେ ୫୦ ଝନ୍ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ ବଲି ବୋର୍ଡ଼ ତର୍ଫୁ ସୂଚ୍ନା ଦିଆଯାଇଛେ । ଇ ଅବ୍ସରେ ବିଦ୍ୟାଲୟ ଆଉ ଗଣଶିକ୍ଷା ବିଭାଗ୍ର ଶାସନ୍ ସଚିବ ଡକ୍ଟର୍ ଏନ୍.ତିରୁମାଲା ନାୟକ୍ କଟକ୍ର ଭିନ୍ ଭିନ୍ କେନ୍ଦ୍ର ବୁଲି ଦେଖିଛନ୍ । ପରୀକ୍ଷାର୍ଥୀ ମାନ୍କର୍ ସାଙ୍ଗେ କଥା ହେବାର୍ ସହେତେ ମାଧମିକ ଶିକ୍ଷା ପରିଷଦ୍ର କମାଣ୍ଡ କଂଟ୍ରୋଲ୍ କେନ୍ଦ୍ର ନ ସିସିଟିଭି ଆଉ ଡିଜିଲକ୍ ବ୍ୟବସ୍ଥାର୍ ସମୀକ୍ଷା କରିଛନ୍ । ପରୀକ୍ଷାକେ ଠିକ୍ ଭାବେ ପରିଚାଲନା ଲାଗି ସେ ପରିଷଦ୍ ଆଉ ଜିଲ୍ଲା ପ୍ରଶାସନ୍କେ ପ୍ରଶଂସା କରିଛନ୍ ।

ଅଣସର        ପୁରୀ ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିର୍ ନ ମାହାପୁରୁମାନ୍କର୍ ଶ୍ରୀଅଙ୍ଗ ନ ଫୁଲିରିତେଲ ଲାଗି ହେବାର୍ନୁ ଜର୍ ଟିକେ କମିଛେ । ଦେବସ୍ନାନ ପୂନି ଦିନ ଶହେ ୮ ଗରା ବାସ୍ନା ପାଏନ୍ଥି ଗାଧି କରି ମାହାପୁରୁମାନେ ଜରେ ପଡ଼ିକରି  ଅଣସର ଘରେ ଆଏଜ୍କେ ୬ ଦିନ୍ ହେଲା ଦଇତାପତି ଆଉ ପତି ମହାପାତ୍ରମାନେ ଗୁପ୍ତ ସେବା

କରୁଛନ୍ । ଆଏଜ୍ ସୁଦୁ ସୁଆରଙ୍କର୍ ଘରୁ ଆସିଥିବା ଓଷ ମାହାପୁରୁମାନ୍‌କୁ ଲାଗି କରାଯାଇଛେ । ମଧ୍ୟାହ୍ନ ଧୂପନୀତି ସର୍‌ବାର୍ ଉତ୍‌ରୁ ବେହରଣ ଦ୍ୱାର ଦେଇକରି ଦଇତାପତି ମାନେ ଯାଇକରି ଓଷ ଲାଗି କରିଛନ୍ । ଶ୍ରୀମନ୍ଦିର୍ ରାଜବୈଦ୍ୟଙ୍କର୍ ପରାମର୍ଶ ଅନ୍‌ସାରେ ଆୟୁର୍ବେଦିକ୍ ପଦ୍ଧତିଥି ମାହାପୁରୁମାନ୍‌କର୍ ଚିକିତ୍ସା କରାଯାଉଛେ ।

ବନ ମହୋତ୍ସବ ଦେବ୍‌ଗଡ଼୍ ସମ୍ବାଦଦାତା

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଦେବ୍‌ଗଡ଼୍ ବନଖଣ୍ଡ ତର୍‌ଫୁ ୭୬ ନମ୍ବର୍ ବନ ମହୋତ୍ସବ୍ ସପ୍ତାହ ଅବ୍‌ସରେ ଆୟୋଜିତ୍ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇଛନ୍ । ପରିବେଶ୍‌ର ସୁରକ୍ଷା, ଜଲ୍‌ବାୟୁ ପରିବର୍ତନ୍‌ର ମୁକାବିଲା ଆଉ ସବୁଜ ପରିବେଶ୍ ବନାବାର୍ ଲାଗି ଚାରା ଜଗାବାର୍‌କେ ଗୁଟେ ଜନ ଆନ୍ଦୋଳନ୍ କର୍‌ବାର୍ ଲାଗି ଉପମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ । କାର୍ଯ୍ୟକ୍ରମ୍‌ଥି ବିଧାୟକ୍ ରୋମାଂଚ ରଞ୍ଜନ୍ ବିଶ୍ୱାଲ୍, ଜିଲ୍ଲାପାଲ୍ କବୀନ୍ଦ୍ର କୁମାର୍ ସାହୁ, ଦେବ୍‌ଗଡ଼୍ ବନଖଣ୍ଡ ଅଧିକାରୀ ଆଉ ଅଲ୍‌ଗା ଅତିଥି ମାନେ ଯୋଗ୍ ଦେଇଥିଲେ ।

ଧାନ ସଂଗ୍ରହ          ନୂଆପଡା ସମ୍ବାଦଦାତା

ନୂଆପଡା ଜିଲ୍ଲାର୍ ସବୁ ଧାନ୍ ମଣ୍ଡିଥି ଚାଷୀମାନ୍କର୍‌ନୁ ଶହେ ପ୍ରତିଶତ୍ ଧାନ୍ ଘିନା ଯାଇଥିବାର୍ ଜନାପଡ଼ିଛେ । ନୂଆପଡ଼ା ବିଧାୟକ୍ ଜୟ ଢୋଲ୍‌କିଆ ରବି ଧାନ୍ ଘିନା ପ୍ରକ୍ରିୟା ଠିକ୍ ଭାବେ ଶେଷ୍ ହେଇଛେ ବଲି କହିଛନ୍ ।  ଶ୍ରୀ ଢୋଲ୍‌କିଆ କହିଛନ୍, ପହେଲା ଖେପେ କେତେଟା ସମସ୍ୟା ଦେଖାଦେଇଥିଲେ ଭିଲ୍ ସେମାନ୍‌କର୍ ସଫଲ୍ ସମାଧାନ୍ ହେବାର୍ ସହେତେ ଚାଷୀମାନ୍କର୍‌ନୁ ଧାନ୍ ଘିନାଯାଇକରି ସେମାନ୍‌କୁ ସେମାନ୍‌କର୍ ପ୍ରାପ୍ୟ ଦିଆଯାଇଛେ । ସୂଚ୍‌ନା ଅନ୍‌ସାରେ ଜିଲ୍ଲାର୍ ୯ ଲାଖ୍ ୭୮ ହଜାର୍ କୁଇଂଟାଲ୍ ଧାନ ଘିନ୍‌ବାର୍ ଲକ୍ଷ୍ୟ ରଖାଯାଇଥିବାର୍‌ବେଲେ ୯ ଲାଖ ୬୪ ହଜାର୍ କୁଇଂଟାଲ ଧାନ ଘିନା ଯାଇଛେ ।

ଚାରାବିକ୍ରି କେନ୍ଦ୍ର-ଉଦ୍‌ଘାଟନ୍          ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା କୋମ୍‌ନା ନ ୩ ଶହ ୫୩ ନମ୍ବର୍ ଜାତୀୟ ରାଜ୍‌ପଥ୍ ପାଖେ ଥିବା ଚାରାବିକ୍ରି କେନ୍ଦ୍ରକେ ଆଏଜ୍ ଖଡ଼ିଆଲ୍ ବନଖଣ୍ଡ ଅଧିକାରୀ ଅଜିଜ୍ ଖାନ୍ ଉଦ୍‌ଘାଟନ୍ କରିଛନ୍ । ଇଠାନେ ଗୁଟେ ଆଧାର୍‌କାର୍ଡ଼ଥି ୧୦ ଟା ଚାରା ଟଙ୍କାଟେଥି ମିଲୁଥିବାର୍ ବେଲେ ଭିନ୍ ଭିନ୍ ଅନୁଷ୍ଠାନ୍‌କେ ମାହାଲିଆ ଚାରା ଯୁଗେଇ ଦିଆଯିବା । ଜଙ୍ଗଲ୍ ତିଆର୍ କର୍‌ବାର୍ ଲାଗି ଅଏତ୍‌କା ଚାରା ଜଗାବାର୍‌କେ ବନଖଣ୍ଡ ଅଧିକାରୀ ଆହ୍ୱାନ୍ ଦେଇଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଉତର୍- ପଶ୍ଚିମ ବଙ୍ଗୋପ୍‌ସାଗର୍ ଆଉ ତାକେ ଲାଗିକରିଥିବା ଉତର୍ ଓଡ଼ିଶା- ପଶ୍ଚିମବଙ୍ଗ ସମୁଦ୍ର ଖଁଡ଼ି ନ ହେଇଥିବା ଲଘୁଚାପ୍ ଅବପାତଥି ବଦ୍‌ଲିଛେ । ବାଲେଶ୍ୱର୍‌ର ଦକ୍ଷିଣ- ଦକ୍ଷିଣପୂର୍ବ ଦିଗେ ୫୦ କିଲୋମିଟର୍ ଦୂରେ ଅବପାତ ହେଇଛେ । ଚାନ୍ଦବାଲିର ଉତର୍-ପୂର୍ବ ନୁ ୬୦ କିଲୋମିଟର୍ ଦୂରେ ଇଟା କେନ୍ଦ୍ରୀଭୂତ ହେଇକରି ପଶ୍ଚିମ -ଉତର୍ ପଶ୍ଚିମ ଦିଗ୍‌କେ ଯାଉଛେ । ଆଏବା ୨୪

ଘଂଟା ଭିତ୍‌ରେ ଇଟା ଓଡ଼ିଶା ସମୁଦ୍ରଖଁଡ଼ି ବାଲେଶ୍ୱର୍ ପାଖର୍ ଚାନ୍ଦବାଲି ଆଉ ଦିଘା ଭିତ୍‌ରେ ପାର୍ କର୍‌ବାର୍ ସମ୍ଭାବନା ରହିଛେ । ଇତାର୍ ପ୍ରଭାବ୍‌ଥି ଦକ୍ଷିଣ- ପଶ୍ଚିମ ମୌସୁମୀ ଅଏତ୍‌କା ସକ୍ରିୟ ହେବାର୍ ସହେତେ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ପ୍ରବଲ୍ ନୁ ଅତି ପ୍ରବଲ ବର୍ଷା ଲାଗି ରହିଛେ ।

ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଆଏବା ୨୪ ଘଂଟା ଭିତ୍‌ରେ ସମ୍ବଲ୍‌ପୁର୍, ବୌଦ୍ଧ, ସୁବର୍ଣ୍ଣପୁର୍, ଅନୁଗୁଲ୍, କନ୍ଧମାଲ୍ ଜିଲ୍ଲାର୍ କେତେଟା ଜାଗା ନ ଅତି ନୁ ଅତି ଜବର୍ ବର୍ଷା ହେବାର୍ ସମ୍ଭାବନା ରହିଛେ । ବର୍ଷା ବାବ୍‌ଦେ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ନିର୍ଦ୍ଦେଶିକା ଡକ୍ଟର୍ ମନୋରମା ମହାନ୍ତି କହିଛନ୍ ।

(ଭଏସ୍ ଓଭର୍- ମନୋରମା ମହାନ୍ତି) ବୌଦ୍ଧ- ରେଡ଼ୱାର୍ଣ୍ଣିଂ

ବୌଦ୍ଧ /ନୂଆପଡ଼ା

ବୌଦ୍ଧ ଜିଲ୍ଲା ଲାଗି ଭାରତୀୟ ପାଣିପାଗ୍ ବିଭାଗ୍ ତର୍‌ଫୁ ଜବର୍ ବର୍ଷାର୍ ସମ୍ଭାବନାକେ ନେଇକରି ରେଡ଼୍ ୱାର୍ଣ୍ଣିଂ ଜାରି କରାଯାଇଥିବାର୍‌ନୁ ଜିଲ୍ଲାପାଲ୍ ବିଭୂତି ଭୂଷଣ୍ ନାୟକ୍ ସବୁ

ଜିଲ୍ଲାସ୍ତରୀୟ ଅଧିକାରୀମାନ୍‌କର୍ ସାଙ୍ଗେ ଗୁଟେ ଜରୁରୀକାଲୀନ୍ ଆଭାସୀ ବୈଠକ୍ କରିକରି ସ୍ଥିତିର୍ ସମୀକ୍ଷା କରିଛନ୍ । ବୈଠକ୍‌ଥି ଜିଲ୍ଲାପାଲ୍ ସବୁ ବିଭାଗ୍‌କେ ସବୁନୁ ଅଏତ୍‌କା ସତର୍କତା ଗ୍ରହଣ୍ କରିକରି ଜରୁରୀକାଲୀନ୍ ପରିସ୍ଥିତିର୍ ତୁର୍‌ତି ମୁକାବିଲା ଲାଗି ପ୍ରସ୍ତୁତ୍ ରହେବାର୍‌କେ ନିର୍ଦ୍ଦେଶ୍ ଦେଇଥିଲେ ।

ସେଆଡ଼େ ନୂଆପଡ଼ା ଜିଲ୍ଲା ନ ଜବର୍ ବର୍ଷା ଲାଗି ଭିନ୍ ଭିନ୍ ଖାଲୁଆଜାଗା ନ ବର୍ଷା ପାଏନ୍ ଜମି ରହିଛେ । କେତେଟା ଜାଗା ନ ସଡ଼କ୍ ଉପ୍‌ରେ ୨ ନୁ ୩ ଫୁଟ୍‌ର ବର୍ଷା ପାଏନ୍ ଯାଉଛେ । ଆଏଜ୍ ଜିଲ୍ଲା ନ ସବୁନୁ ଅଏତ୍‌କା ୫ ଶହ ୩୨ ଦଶ୍‌ମିକ୍ ୨ ମିଲିମିଟର୍ ବର୍ଷା ରେକର୍ଡ଼ କରାଯାଇଥିବାର୍ ଆମର୍ ସମ୍ବାଦଦାତା ଜନେଇଛନ୍ ।